# ତହସିଲ କାର୍ଯ୍ୟାଳୟ,କାଶୀପୁର

## ଲଘୁ ଖଣିଜ ଉତ୍ସର ଦୀର୍ଘମିଆଦୀ ଲିଜ ନିମନ୍ତେ ବିଜ୍ଞାପନ

ସଂଖ୍ୟା ୧୪୩୪/୨୦୨୦, ତାରିଖ ୩୦/୦୯/୨୦୨୦

ଏତଦ୍ୱାରା ସର୍ବ ସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ,ଓଡିଶା ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଅଧିନସ୍ଥ କାଶିପୁର ତହସିଲ ଅନ୍ତର୍ଗତ (Annexure-I) ଉଲ୍ଲେଖ ଥିବା ସୈରାତ ଉତ୍ସ (ଲଘୁ ଖଣିଜ ଦ୍ରବ୍ୟ) ଗୁଡ଼ିକୁ ଆସନ୍ତା ପାଞ୍ଚବର୍ଷ (୨୦୨୦-୨୫)ନିମନ୍ତେ ଦୀର୍ଘ ମିଆଦି ଲିଜ ସକାଶେ ଦରଖାସ୍ତ ଅହ୍ୱାନ କରାଯାଉଛି ।ଇଚ୍ଛୁକ ବ୍ୟକ୍ତି/ଅନୁଷ୍ଠାନ ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି ନିୟମ ୨୦୧୬ ପ୍ରକାରରେ ନିର୍ଦ୍ଧାରିତ ଦରଖାସ୍ତ ଫର୍ମ ପୂରଣ କରି ଏହାର ତିନିକିତା କପି ସହ ଆବଶ୍ୟକ ଦସ୍ତାବିଜ ସଂଲଗ୍ନ କରି ଜଉମୁଦ ଲଫାପା (sealed cover)ରେ ତହସିଲଦାର,କାଶୀପୁରଙ୍କ କାର୍ଯ୍ୟାଳୟକୁ ରେଜିଷ୍ଟ୍ରି ଡାକଯୋଗେ ନିର୍ଦ୍ଧାରିତ ନିଲାମ ତାରିଖର ପୂର୍ବଦିନ ଅପରାହ୍ନ ୫.୦୦ଘଣ୍ଟିକା ସୁଦ୍ଧା ହସ୍ତଗତ ହେବାଦରକାର । ପ୍ରତ୍ୟେକ ନିଲାମ ତାରିଖର ପୂର୍ବଦିନ ଅପରହଣ ୫.୦୦ ସୁଦ୍ଧା ହସ୍ତଗତ ହୋଇଥିବା ଦରଖାସ୍ତ ଗୁଡ଼ିକୁ ପରବର୍ତ୍ତୀ ନିର୍ଦ୍ଧାରିତ ନିଲାମ ତାରିଖରେ ବିଚାରକୁ ନିଆଯିବ,ଉକ୍ତ ସମୟ ପରେ ପ୍ରାପ୍ତ ହୋଇଥିବା ଦରଖାସ୍ତ ଗୁଡିକୁ ବିଚାରକୁ ନିଆଯିବ ନାହିଁ, ଲଫାପା ଉପରେ ସୈରାତ ଉତ୍ସର ନାମ ଲେଖାଥିବା ଆବଶ୍ୟକ । ଦରଖାସ୍ତ ଗୁଡ଼ିକ ତା-୧୫/୧୦/୨୦୨୦ରିଖ ସୁଦ୍ଧା ଅପରାହ୍ନ ୦୫.୩୦ ଘଟିକା ସମୟ ମଧରେ କାର୍ଯ୍ୟାଳୟକୁ ପହଞ୍ଚିବା ଆବଶ୍ୟକ । ତା-୧୭/୧୦/୨୦୨୦ରିଖ ରେ (ପଥର ଖାଦାନ) ଓ ତ.୧୯/୧୦/୨୦୨୦ ରିଖ ରେ (ବାଲି ଓ ମରୁମ) ଲିଜ ଦରଖାସ୍ତକାରୀ କିମ୍ବା ତାଙ୍କ ଦ୍ୱାରା କ୍ଷମତା ପ୍ରାପ୍ତ ପ୍ରତିନିଧି ଉପସ୍ଥିତିରେ ଦରଖାସ୍ତ ଗୁଡିକୁ ତହସିଲଦାରଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ତନଖି କରାଯାଇ ଯୋଗ୍ୟ ଲିଜଧାରୀ ଚୟନ କରାଯିବ ।ଏହି ସମ୍ବନ୍ଧୀୟ ସମସ୍ତ ଆବଶ୍ୟକୀୟ ତଥ୍ୟ ତହସିଲ କାର୍ଯ୍ୟାଳୟ,କାଶୀପୁର ସମସ୍ତ କାର୍ଯ୍ୟଦିବସମାନଙ୍କରେ ଏବଂ ରାୟଗଡ଼ ଜିଲ୍ଲା website https// rayagada.nic.in ଉପଲବ୍ଧ ଅଟେ । ପ୍ରକାଶ ଥାଉକି, କୌଣସି କାରଣ ନଦର୍ଶାଇ ନିଲାମକୁ ସ୍ଥଗିତ/ରଦ୍ଦ କରିବାର କ୍ଷମତା, କ୍ଷମତାପ୍ରାପ୍ତ ଅଧିକାରୀ ଓ ଜିଲ୍ଲାପାଳ,ରାୟଗଡ଼ ମୋହଦୟଙ୍କ ରହିଅଛି। ଆବେଦନକାରୀ OMMC,Rule-2016 ତଥା ଓଡିଶା ଲଘୁ ଖଣିଜ ଦ୍ରବ୍ୟର ରିହାତିର ସମସ୍ତ ସଂଶୋଧିତ ନିୟମାବଳୀର ଏବଂ Manual of Tahasil Acounts ର ପରିସର ଭୁକ୍ତ କରିବେ ।ଯଦି ଉକ୍ତ ଇସ୍ତାହାରରେ କୌଣସି ତ୍ରୁଟି ପରିଲକ୍ଷିତ ହୁଏ, ତେବେ ତାହା ସଂଶୋଧନ କରିବାର ଅଧିକାର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ରହିଛି ।

### ଦରଖାସ୍ତ ସହ ଦାଖଲ କରିବାକୁ ଥିବା ଦସ୍ତାବିଜ

୧. ଦରଖାସ୍ତ ପାଉଣା ବାବଦକୁ ଟ ୧୦୦୦.୦୦(ଏକ ହଜାର)ର ଟ୍ରେଜରି ଚାଲନ ସଂଲଗ୍ନ କରିବେ(ଅଣଫେରସ୍ତ)
(Head of account -0853-Non- ferrous Mining and Metalurgical Industries -102-Mining concession fees, Rent and Royalties)

୨. ଆବେଦନକାରୀ କୌଣସି ଖଣିଜ ଦେୟ ବକେୟା ନଥିବା ସମ୍ପର୍କରେ ଏକ ସତ୍ୟପାଠ ଦାଖଲ କରିବେ।

୩. ଆବେଦନକାରୀ ରୟାଲଟି (Royalty) ଓ ଅତିରିକ୍ତ ଦେୟ (Additional Charge) ବାବଦକୁ ବାର୍ଷିକ ଶତକଡା ୫% ହାରରେ ସ୍ଥିରକୃତ ହୋଇଥିବା ଲଘୁ ଖଣିଜ ପଦାର୍ଥର ପରିମାଣର ଉପରେ ଦେୟ ଅମାନତ ରାଶି(Earnest Money) Demand Draft ଆକାରରେ ପଇଠ କରିବେ ।

୪.ଆବେଦନକାରୀ ଏକ ବର୍ଷ ନିମନ୍ତେ ନିର୍ଧହରିତ ସର୍ବନିମ୍ନ ପ୍ରତ୍ୟାଭୂତି ପରିମାଣର (Mining Guaranteed Quantity) ଲଘୁ ଖଣିଜ ଦ୍ରବ୍ୟ ପାଇଁ ଦେବାକୁ ଥିବା ରୟାଲିଟି (Royalty) ଓ ଦର୍ଶାଇଥିବା ଅତିରିକ୍ତ ଦେୟ ରାଶିର ସର୍ବନିମ୍ନ ଅଠର ମାସ ନିମନ୍ତେ ଏକ ବ୍ୟାଙ୍କ ପ୍ରତ୍ୟାଭୂତି (Bank Guarantee) ବା ରାଜସ୍ୱ ଅଧିକାରୀଙ୍କ ଠାରୁ ପ୍ରାପ୍ତ ସୋଲଭେନସୀ ପ୍ରମାଣପତ୍ର ଦାଖଲ କରିବା ହେବ ।

୫. ଆବେଦନକାରୀ ନିଜର ଭୋଟ ପରିଚୟ ପତ୍ର / ଆଧାର କାର୍ଡ / ପାନ କାର୍ଡ ସଂଲଗ୍ନ କରିବେ ।

୬. ଆବେଦନ କରୁଥିବା ସୈରାତ ଉତ୍ସର ନକ୍ସା ସଂଲଗ୍ନ କରିବେ ।

ତହସିଲଦାର,କାଶୀପୁର

Scanned with CamScanner

ତାରିଖ ୩୦/୦୯/୨୦୨୦

ଜ୍ଞାପନ ସଂଖ୍ୟା.୧୪୩୫/୨୦୨୦

ଏହାର ଏକାକିତା ନକଲ ଜିଲ୍ଲାପାଳ, ରାୟଗଡ଼ ମହୋଦୟଙ୍କ ଅବଗତି ନିମନ୍ତେ ପ୍ରେରଣା କରାଗଲା ।

ଏହାର ଏକାକିତା ନକଲ ଉପ-ଜିଲ୍ଲାପାଳ, ରାୟଗଡ଼ ମହୋଦୟଙ୍କ ଅବଗତି ନିମନ୍ତେ ପ୍ରେରଣା କରାଗଲା ।

ତହସିଲଦାର, କାଶୀପୁର

ତାରିଖ ୩୦/୦୯/୨୦୨୦

ଜ୍ଞାପନ ସଂଖ୍ୟା..୧୪୩୬/୨୦୨୦

ଏହାର ଏକାକିତା ନକଲ ଜିଲ୍ଲା ସୂଚନା ବିଜ୍ଞାନ ଅଧିକାରୀ, ରାୟଗଡା, ମହୋଦୟଙ୍କ ଅବଗତି ଏବଂ ଜିଲ୍ଲା "website" େ
ଉପଲବ୍ଧ ନିମନ୍ତେ ପ୍ରେରଣା କରାଗଲା ।

ତହସିଲଦାର, କାଶୀପୁର

Scanned with CamScanner

# ସର୍ତ୍ତାବଳୀ

୧. ଆବେଦନକାରୀ ଓଡ଼ିଶା ଲଘୁ ଖଣିଜ ଦ୍ରବ୍ୟର ରିହାତି ନିୟମାବଳୀ ୨୦୧୬ ରେ ପରିସରଭୁକ୍ତ ରେହିବେ ।

୨. ପ୍ରଚଳିତ ନିୟମାବଳୀ ଅନୁଯାୟୀ ଅତିରିକ୍ତ ଦେୟ (Additional Charge) ବବାଦକୁ ସର୍ବୋଚ୍ଚ ମୂଲ୍ୟ ଦାଖଲ କରିଥିବା ନୀଳମଧାରୀଙ୍କ ଦରଖାସ୍ତକୁ ଲିଜ ପ୍ରଦାନ ନିମନ୍ତେ ଚୟନ କରାଯିବା, ଯଦି ଏକାଧିକ ନୀଳମଧାରୀ ସମାନ ମୂଲ୍ୟ ଦରଜ କରିଥିବେ ତେବେ ଲଟେରି ମାଧମରେ ଲିଜ ପ୍ରଦାନ କରାଯିବ ।

୩. ସର୍ବୋଚ୍ଚ ନିଲାମଧାରୀ ଉତ୍ସ ପାଇଁ ପୂର୍ବରୁ ପ୍ରସ୍ତୁତ ହୋଇଥିବା (Mining Plan ) ବାବଦର ମୂଲ୍ୟ ପଇଠ କରିବାକୁ ପଡ଼ିବ, ପୁନଶ୍ଚ ନିଜ ଖର୍ଚ୍ଚରେ ପରିବଶେ ମଞ୍ଜୁରୀ ସମ୍ପୃକ୍ତ ଅଧିକାରୀଙ୍କ ଠାରୁ ହାସଲ କରିବେ ।

୪. ଯଦି ସର୍ବୋଚ୍ଚ Additional Charge ବା ଅତିରିକ୍ତ ଦେୟ ମୂଲ୍ୟାଙ୍କ କରିଥିବା ଆବେଦନକାରୀ ନିର୍ଦ୍ଧାରିତ ସମୟ ସୀମା ମଧରେ ସମସ୍ତ ଦେୟ ପଇଠ ନକରନ୍ତି ବା ଖିଲାପ କରନ୍ତି ତେବେ ଦ୍ଵିତୀୟ ସର୍ବାଧିକ ମୂଲ୍ୟାଙ୍କ କରିଥିବା ନିଲାମଧାରୀଙ୍କୁ ସୁଯୋଗ ଦିଆଯିବ ।

୫. ଯଦି ଦ୍ଵିତୀୟ ସର୍ବୋଚ୍ଚ ଅତିରିକ୍ତ ଦେୟ ମୂଲ୍ୟାଙ୍କ କରିଥିବା ଆବେଦନକାରୀଙ୍କ ଦ୍ଵାରା ପ୍ରଦାନ କରାଯାଇଥିବା ଅର୍ଥ ରାଶି ପ୍ରଥମ ସର୍ବୋଚ୍ଚ ମୂଲ୍ୟାଙ୍କ କରିଥିବା ଆବେଦନକାରୀଙ୍କ ଅର୍ଥ ରାଶି ଠାରୁ ଅତି କମ ହୋଇଥାଏ ତେବେ ଲିଜ ପ୍ରକ୍ରିୟାକୁ ରଦ୍ଦ କରାଯାଇ ଜିଲ୍ଲାପାଳ ଙ୍କ ଅନୁମତି କ୍ରମେ ନୂତନ ରୂପେ ନିଲାମ କରାଯିବ ।

୬. ଯଦି ଦରଖାସ୍ତକାରୀ ଧାର୍ଯ୍ୟ ମୂଲ୍ୟଠାରୁ କମ ମୂଲ୍ୟ ଉଲ୍ଲେଖ କରିଥାନ୍ତି ଏବଂ ଆବଶ୍ୟକ ଦସ୍ତାବିଜ ଦାଖଲ କରି ନଥାନ୍ତି ତେବେ ଦରଖାସ୍ତ କୁ ବିଚାରକୁ ନିଆଯିବ ନାହିଁ ।

୭. ନିଲାମଧାରୀ ଏବଂ Mines Act 1952 ଏବଂ Explosive 1984 ର ସମସ୍ତ ନିୟମ ଓ ସର୍ତ୍ତାବଳୀର ଅନ୍ତର୍ଭୁକ୍ତ ରହିବେ ।

୮. ସର୍ବୋଚ୍ଚ ନୀଲାମଧାରୀ ସୈରାତ ଉତ୍ସ ପରିଚାଳନା ନିମନ୍ତେ ଆବଶ୍ୟକୀୟ ମଞ୍ଜୁରୀ (Consent to establish & consent to operate ) ଓଡ଼ିଶା ପ୍ରଦୂଷଣ ବୋର୍ଡରୁ (Orissa pollution control Board ) ନିଜ ଖର୍ଚ୍ଚରେ ପ୍ରାପ୍ତ କରିବେ ।

୯. ସର୍ବୋଚ୍ଚ ନୀଲାମଧାରୀ ସମସ୍ତ ମଞ୍ଜୁର ଦେୟ ଜମା କରିବା ପରେ ସେ ଫର୍ମ ଏନ (Form N) ରେ ଚୁକ୍ତି ପତ୍ର ସ୍ଵାକ୍ଷର କରିବା ସହ ନିଜ ଖର୍ଚ୍ଚରେ ଏହାକୁ (ରେଜିଷ୍ଟ୍ରେଶନ ଆକ୍ଟ ୧୯୦୮ ଓ ଷ୍ଟାମ୍ପ ଆକ୍ଟ ୧୮୯୯ ଅନୁଯାୟୀ) ସମ୍ପାଦନ କରିବେ ଏବଂ ପରବର୍ତ୍ତୀ ବର୍ଷ ଗୁଡ଼ିକ ପାଇଁ ପ୍ରତ୍ୟେକ ବର୍ଷ ଜାନୁୟାରୀ ମାସ ପ୍ରଥମାର୍ଦ୍ଧରେ ପଇଠ କରିବା ହେବ ।

୧୦. ଲିଜଧାରୀ ଦାଖଲ କରୁଥିବା ସମସ୍ତ ଦେୟ ତଥା ରୟାଲିଟି ଓ ଅନ୍ୟାନ୍ୟ ଦେୟର 2% ଆୟକର ବବାଦକୁ ଜମା କରିବେ ।

୧୧. ଲିଜଧାରୀ ଉତ୍ସ ପରିଚାଳନା କରିବା ପୂର୍ବରୁ ଲିଜ ସମ୍ବନ୍ଧିୟ ସମସ୍ତ ତଥ୍ୟ ଏକ ସୂଚନା ଫଳକ ତିଆରି କରି ଉଲ୍ଲେଖ କରିବେ ।

୧୨. ସମସ୍ତ ସର୍ତ୍ତାବଳୀ ପୂରଣ କରିସାରିବା ପରେ ଲି ଧାରୀଙ୍କୁ ସୈରାତ ଉତ୍ସ ପରିଚାଳନା କରିବା ନିମନ୍ତେ ଅନୁମତି ପ୍ରଦାନ କରାଯିବ ।

୧୩. ଲିଜଧାରୀ ଓଡ଼ିଶା ଲଘୁ ଖଣିଜ ନିୟମ 2016 ତଥା ସମସ୍ତ ସଂଶୋଧିତ ନିୟମ ଏବଂ ତତ ସଂଲଗ୍ନ ସମସ୍ତ ସରକାରୀ ଓ ଅଦାଲତ ଆଦେଶ ମଣିବାକୁ ବାଧ ହେବେ ।

୧୪. ଲିଜ ପାଇଁ ଆବେଦନ କରିବା ପୂର୍ବରୁ ଲଘୁ ଖଣିଜ ଖାଦାନ ଗୁଡ଼ିକ ପରିଦର୍ଶନ କରି, ସୈରାତ ପରିଚାଳନା ପାଇଁ ଗମନାଗମନ ଗଚ୍ଛିତ ଥିବା ଖଣିଜ ପଦାର୍ଥର ଆନୁଷାଙ୍ଗିକ ସୁବିଧା ସମ୍ପର୍କରେ ପର୍ଯ୍ୟବେକ୍ଷଣ କରି ଲିଜ ରେ ଅଂଶଗ୍ରହଣ କରିବେ ।

୧୫. ଉକ୍ତ ନିଲାମ ସମ୍ବନ୍ଧୀୟ ଇସ୍ତିହାରରେ କୌଣସି ତ୍ରୁଟି ପରିଲିକ୍ଷିତ ହୁଏ ତେବେ ତାହା ସଂଶୋଧନ କରିବାର ଅଧିକାର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ରହିଛି ।

୧୬. ନୀଳମଧାରୀ OMMC Rule 2016 ର ନିୟମ – 33 (1-29) ର ସମସ୍ତ ସର୍ତ୍ତାବଳୀର ପରିସରଭୁକ୍ତ ରହିବେ । (Annexure-II)

ତହସିଲଦାର, କାଶୀପୁର

Scanned with CamScanner

# ଲଘୁ ଖଣିଜ ଉତ୍ସର ଦୀର୍ଘମିଆଦୀ ଲିଜ ନିମନ୍ତେ ବିଜ୍ଞାପନ

| କ୍ରମିକ ନମ୍ବର | ମୌଜାର ନାମ | ସୈରାତ ଉତ୍ସର ନାମ | ଖାତା ନମ୍ବର | ପ୍ଲଟ ନମ୍ବର | ରକବା ଏକରରେ | କିସମ | ଲଘୁଖନିଜର ନାମ। | ଲଘୁଖନିଜର ପଦାର୍ଥର ସାର୍ବନିମ୍ନ ଧାର୍ଯ୍ୟ ରାଜସ୍ୱ (ଘନ ମିଟର ପ୍ରତି /CUM) ଟଙ୍କାରେ | ଅତିରିକ୍ତ ଦେୟ (ଘନ ମିଟର ପ୍ରତି /CUM) ଟଙ୍କାରେ | ଆନୁମାନିକ ବାର୍ଷିକ ଧାର୍ଯ୍ୟ ଲଘୁଖଣିଜ ପରିମାଣ | ଦାଖଲ କରିବାକୁ ଥିବା ସଲଭେନ୍ସି ପ୍ରମାଣ ପତ୍ର/ବ୍ୟାଙ୍କ ଗ୍ୟାରେଣ୍ଟିର ପରିମାଣ ଟଙ୍କାରେ | ଅଗ୍ରୀମ ପଇଠ କରିବାର ଅମାନତ ରାଶିର ପରିମାଣ ଟଙ୍କାରେ(EMD) |
|---|---|---|---|---|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ | ୯ | ୧୦ | ୧୧ | ୧୨ | ୧୩ |
| ୧ | ଅଣାଘୋର | ପଥର କୁଆରୀ | ୧୪୩ | ୧୮୮୮ | ୪.୦୦ | ପାହାଡ଼ | ପଥର | ୧୩୦.୦୦ | ୩୨.୦୦ | ୫୦୪୫ ଘ.ମି. | ୮୧୭୨୯୦.୦୦ | ୪୦୮୬୫.୦୦ |
| ୨ | ନକ୍ଟିଗୁଡା | ପଥର କୁଆରୀ | ୧୪୭ | ୭୩ | ୫.୦୦ | ପାହାଡ଼ | ପଥର | ୧୩୦.୦୦ | ୩୨.୦୦ | ୫୦୦୫ଘ.ମି. | ୮୧୦୮୧୦.୦୦ | ୪୦୫୪୧.୦୦ |
| ୩ | ମୁଣ୍ଡାଗାଁ-II | ପଥର କୁଆରୀ | ୨୯୦ | ୧୧୬୭ | ୫.୦୦ | ପାହାଡ଼ | ପଥର | ୧୩୦.୦୦ | ୩୨.୦୦ | ୫୦୪୦ ଘ.ମି ୪ର୍ଥ ବର୍ଷ ଯାଏ | ୮୧୬୪୮୦.୦୦ | ୪୦୮୨୪.୦୦ |
| | | | | | | | | | | ୫୦୪୬ ଘ.ମି ୫ମ ବର୍ଷ ପାଇଁ | ୮୧୭୪୫୨.୦୦ | ୪୦୮୭୩.୦୦ |
| ୪ | ଏକାଡେଲି | ବାଲି କୁଆରୀ | ୨୫ | ୩୦୪ | ୪.୨୦ | ନଦୀ | ବାଲି | ୩୫.୦୦ | ୩୨.୦୦ | ୨୨୧୧ ଘ.ମି | ୧୪୮୧୩୭.୦୦ | ୭୪୦୭.୦୦ |
| ୫ | ବୋରାଗୁଡ଼ା | ବାଲି କୁଆରୀ | ୬୨ | ୯୮୭ | ୮.୦୦ | ନଦୀ | ବାଲି | ୩୫.୦୦ | ୩୨.୦୦ | ୨୧୦୦ ଘ.ମି | ୧୪୦୭୦୦.୦୦ | ୭୦୩୫.୦୦ |
| ୬ | କାଶୀପୁର | ମୋରୁମ କୁଆରୀ | ୧୪୪୬ | ୬୬୪ | ୬.୦୦ | ପର୍ବତ | ମୋରୁମ | ୩୫.୦୦ | ୩୨.୦୦ | ୫୦୧୨ ଘ.ମି | ୩୩୫୮୦୪.୦୦ | ୧୬୭୯୦.୦୦ |
| ୭ | ପାଟିଆସିଲା ଟୁଣ୍ଡା | ମୋରୁମ କୁଆରୀ | ୧୦୬ | ୫୫୯ | ୧୦.୦୦ | ପତିତ | ମୋରୁମ | ୩୫.୦୦ | ୩୨.୦୦ | ୫୦୮୪ ଘ.ମି | ୩୪୦୬୨୮.୦୦ | ୧୭୦୩୧.୦୦ |
| ୮ | ଅଡାଗାଡିରି | ମୋରୁମ କୁଆରୀ | ୫୫ | ୫୦ | ୩.୦୦ | ପର୍ବତ | ମୋରୁମ | ୩୫.୦୦ | ୩୨.୦୦ | ୫୦୮୨ ଘ.ମି | ୩୪୦୪୯୪.୦୦ | ୧୭୦୨୫.୦୦ |
| ୯ | କୁଆଗାଁ | ମୋରୁମ କୁଆରୀ | ୭୨ | ୧୧୬ | ୬.୫୦ | ପାହାଡ଼ | ମୋରୁମ | ୩୫.୦୦ | ୩୨.୦୦ | ୫୦୪୦ ଘ.ମି | ୩୩୭୬୮୦.୦୦ | ୧୬୮୮୪.୦୦ |

ତହସିଲଦାର, କାଶୀପୁର

Scanned with CamScanner